# ଜଲୱା ଦେଖାଇଲେ ବୈଭବଙ୍କ ସାନ ଭାଇ, ୮୭ ବଲରେ ମାରିଲେ ୧୦୩ ରନ୍

**ପାଟନା :** ଭାରତୀୟ କ୍ରିକେଟର ମାନଚିତ୍ରରେ ବିହାରର ସମସ୍ତିପୁର ଜିଲ୍ଲା ଏବେ ଏକ ନୂଆ ପରିଚୟ ସୃଷ୍ଟି କରିଛି। ଯେଉଁ ମାଟିରୁ ଦିନେ ବୈଭବ ସୂର୍ଯ୍ୟବଂଶୀ ବାହାରି ନିଜର ବିସ୍ଫୋରକ ବ୍ୟାଟିଂ ଜରିଆରେ ବିଶ୍ୱ କ୍ରିକେଟରେ ହଇଚଇ ସୃଷ୍ଟି କରିଥିଲେ, ଏବେ ସେହି ମାଟିରୁ ଆଉ ଏକ ପ୍ରତିଭାଙ୍କର ଉଦୟ ହୋଇଛି । ସେ ହେଉଛନ୍ତି ବୈଭବଙ୍କ ସାନ ଭାଇ ଆଶୀର୍ବାଦ ସୂର୍ଯ୍ୟବଂଶୀ । କୁହନ୍ତି ନା, 'ବଡ଼ ମିଆଁ ତୋ ବଡ଼ ମିଆଁ, ଛୋଟେ ମିଆଁ ସୁଭାନଲ୍ଲା' – ଠିକ୍ ସେହିପରି ବଡ଼ ଭାଇଙ୍କ ପାଦକୁ ଅନୁସରଣ କରି ଆଶୀର୍ବାଦ ମଧ୍ୟ କ୍ରିକେଟ୍ ମଇଦାନରେ ନିଜର ଶକ୍ତି ପ୍ରଦର୍ଶନ କରିବା ଆରମ୍ଭ କରିଦେଇଛନ୍ତି। ସମସ୍ତିପୁରରେ ଖେଳାଯାଇଥିବା ଏକ ସ୍ଥାନୀୟ ପ୍ରାକ୍ଟିସ୍ ମ୍ୟାଚରେ ଆଶୀର୍ବାଦ ସୂର୍ଯ୍ୟବଂଶୀଙ୍କ ବ୍ୟାଟରୁ ବର୍ଷିଛି ରନର ବର୍ଷା । କ୍ରିକେଟ୍ ଏକାଡେମୀ ତାଜପୁର ପକ୍ଷରୁ ଖେଳି ସେ ମାତ୍ର ୮୭ଟି ବଲ୍‌ରୁ ୧୦୩ ରନର ଏକ ଧୂଆଁଧାର ପାରି ଖେଳିଛନ୍ତି । ଏହି ଇନିଂସରେ ୨୦ଟି ଚୌକା ଏବଂ ଗୋଟିଏ ବିଶାଳ ଛକା ସାମିଲ ଥିଲା । ପ୍ରାୟ ୧୧୮.୩୯ ଷ୍ଟ୍ରାଇକ୍ ରେଟ୍‌ରେ ବ୍ୟାଟିଂ କରି ସେ ପ୍ରମାଣ କରିଛନ୍ତି ଯେ,



ତାଙ୍କ ଶିରାରେ ମଧ୍ୟ ସେହି ରକ୍ତ ପ୍ରବାହିତ ହେଉଛି ଯାହା ବଡ଼ ବଡ଼ ବୋଲରଙ୍କ ମନରେ ଭୟ ସୃଷ୍ଟି କରେ । ଆଶୀର୍ବାଦଙ୍କ ଏହି ଶତକ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଛୋଟ ଭାଇର ଏହି ସଫଳତାରେ ବୈଭବ ସୂର୍ଯ୍ୟବଂଶୀ ଅତ୍ୟନ୍ତ ଆନନ୍ଦିତ । ନିଜର ଇନଷ୍ଟାଗ୍ରାମ ଷ୍ଟୋରି ମାଧ୍ୟମରେ ଆଶୀର୍ବାଦଙ୍କୁ ଅଭିନନ୍ଦନ ଜଣାଇବା ସହ ସେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ବୈଭବ ନିଜେ ଏବେ ଭାରତୀୟ କ୍ରିକେଟର ଏକ ଉଦୀୟମାନ ତାରକା । ଆଇପିଏଲ୍ ୨୦୨୬ରେ ୧୬ଟି ମ୍ୟାଚରୁ ୭୭୬ ରନ୍ ସଂଗ୍ରହ କରି 'ଅରେଞ୍ଜ କ୍ୟାପ୍' ନିଜ ନାମରେ କରିଥିବା ବୈଭବ, ବିରାଟ କୋହଲି ଓ ଶୁଭମନ ଗିଲଙ୍କ ଭଳି ଦିଗଜଙ୍କୁ ପଛରେ ପକାଇ ସାରିଛନ୍ତି। ଗତ ଜୁନ୍ ୬ ତାରିଖରେ ଯେତେବେଳେ ବୈଭବଙ୍କୁ ପ୍ରଥମ ଥର ଭାରତୀୟ ଦଳରେ ସ୍ଥାନ ମିଳିଥିଲା, ସେତେବେଳେ ତାଜପୁର ଗ୍ରାମରେ ଦୀପାବଳି ଭଳି ପରିବେଶ ସୃଷ୍ଟି ହୋଇଥିଲା। ବାଣ ଫୁଟାଇ ଓ ମିଠା ବାଣ୍ଟି ସ୍ଥାନୀୟ ଲୋକେ ଏହି ଗୌରବକୁ ପାଳନ କରିଥିଲେ। ପିତା ସଞ୍ଜୀବ ସୂର୍ଯ୍ୟବଂଶୀଙ୍କ କହିବା ଅନୁସାରେ, ପୁଅର ପରିଶ୍ରମ ଆଜି ରଙ୍ଗ ଆଣିଛି। ପିଲାଦିନୁ ଦେଖିଥିବା ସ୍ୱପ୍ନ ଆଜି ସାକାର ହୋଇଛି। ଭାରତୀୟ କ୍ରିକେଟରେ ପଠାନ ବ୍ରଦର୍ସ ଏବଂ ପାଣ୍ଡ୍ୟା ବ୍ରଦର୍ସଙ୍କ କମାଲ ଆମେ ଦେଖିଛୁ। ଏବେ 'ସୂର୍ଯ୍ୟବଂଶୀ ବ୍ରଦର୍ସ'ଙ୍କ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଯଦି ଆଶୀର୍ବାଦ ଏହିପରି ଭାବେ ନିଜର ଫର୍ମ ଜାରି ରଖନ୍ତି, ତେବେ ଖୁବ୍ ଶୀଘ୍ର ବିଶ୍ୱ କ୍ରିକେଟ୍‌ରେ ଦୁଇ ଭାଇଙ୍କୁ ଏକାଠି ଭାରତୀୟ ଜର୍ସିରେ ଖେଳୁଥିବାର ଦେଖିବାକୁ ମିଳିବ। ସମସ୍ତିପୁରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ସମଗ୍ର ଭାରତ ପାଇଁ ଏକ ଆଶାର କିରଣ ସାଜିଛି।

# ଆଫଗାନିସ୍ତାନକୁ ୭ୱିକେଟ୍‌ରେ ପରାସ୍ତ କଲା ଭାରତ

**ଧର୍ମଶାଳା:** ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆଜି ଠାରୁ ଆରମ୍ଭ ହୋଇଯାଇଛି। ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମରେ ପ୍ରଥମ ମୁକାବିଲା ଖେଳାଯାଇଛି। ଏହି ମ୍ୟାଚ୍‌ରେ ଅତିଥି ଟିମ୍‌କୁ ଘରୋଇ ଦଳ ୭ୱିକେଟ୍‌ରେ ପରାସ୍ତ କରିଛି। ଭାରତ ୧୯୫ ରନ୍‌ର ବିଜୟ ଲକ୍ଷ୍ୟକୁ ୨୨.୫ ଓଭରରେ ୩ୱିକେଟ ହରାଇ ହାସଲ କରିଛି। ଭାରତ ପାଇଁ ଅଧିନାୟକ ଶୁଭମନ ଗିଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୬୬ଟି ବଲ୍ ଖେଳି ୧୧ଟ ଚୌକା ଏବଂ ୨ଟି ଛକା ସହାୟତାରେ ଅପରାଜିତ ୮୪ ରନ୍ କରିଥିଲେ। ସେହିପରି କେଏଲ୍ ରାହୁଲ ଅପରାଜିତ ୩୯ ରନ୍ କରିଥିଲେ, ଯେଉଁଥିରେ ସେ ୪ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ। ରୋହିତ ଶର୍ମା ୧୬ ରନ୍, ଈଶାନ କିଶନ ୩୪ ରନ୍ ଏବଂ ଶ୍ରେୟସ ଆୟର ୧୨ ରନ୍



କରିଥିଲେ। ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବର୍ଷା ବାଧିତ ମ୍ୟାଚ୍‌କୁ ୨୫-୨୫ ଓଭର କରିଦିଆଯାଇଥିଲା। ରହମାନୁଲ୍ଲା ଗୁରବାଜଙ୍କ ବିସ୍ଫୋରକ ଶତକ ବଳରେ ଆଫଗାନିସ୍ତାନ ୨୪.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ପାଇଁ ଗୁରବାଜ ଏବଂ ଇବ୍ରାହିମ ଜର୍ଦାନ ବ୍ୟାଟିଂ କରିଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ୨୬ ରନ୍ ବେଳକୁ ଆଗଧାଡ଼ିର ୩ଜଣ ଖେଳାଳିଙ୍କୁ ହରାଇଥିଲା। ସ୍କୋର ୧୩ ରନ୍‌ରେ ଇବ୍ରାହିମ, ୧୬ ରନ୍‌ରେ ସଦିକଲ୍ଲା ଅଟଳ ଏବଂ ୨୬ ରନ୍‌ରେ ରହମତ ଶାହ ଆଉଟ୍ ହୋଇଥିଲେ। ତେବେ ଦଳ ପାଇଁ ଏକାକୀ ଲଢ଼ିଥିଲେ ଗୁରବାଜ। ସେ ୫୧ଟି ବଲ୍ ଖେଳି ୧୦୨ ରନ୍ ସଂଗ୍ରହ କରିଥିଲେ। ଏଥିରେ ୮ଟି ଚୌକା ଏବଂ ୮ଟି ଛକା ସାମିଲ ଥିଲା। ହସମତୁଲ୍ଲା ସାହିଦୀ ୨୭ ରନ୍ ଏବଂ ଆଜମୁତୁଲ୍ଲା ଓମାରଜଇ ୨୬ ରନ୍ ସଂଗ୍ରହ କରିଥିଲେ। ମହମ୍ମଦ ନବି ଏବଂ ରସିଦ ଖାନ ୯-୯ ରନ୍ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ ପଦାର୍ପଣ କରିଥିବା ଗୁରନୁର ବ୍ରାର ୩ଟି ୱିକେଟ ଅକ୍ତିଆର କରିଥିଲେ। ସେହିପରି ହର୍ଷ ଦୁବେ ମଧ୍ୟ ୩ ୱିକେଟ୍ ନେଇଥିଲେ। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ନିତିଶ କୁମାର ରେଡ୍ଡୀଙ୍କୁ ୨ଟି ଲେଖାଏଁ ୱିକେଟ୍ ମିଳିଥିଲା।

# ମହିଳା ଟିଟ୍ୱେଣ୍ଟି ବିଶ୍ୱକପ୍ : ଶ୍ରୀଲଙ୍କାକୁ ହରାଇଲା ଇଂଲଣ୍ଡ

**ନୂଆଦିଲ୍ଲୀ ;** ଶୁକ୍ରବାରଠୁ ଆରମ୍ଭ ହୋଇଛି ମହିଳା ଟିଟ୍ୱେଣ୍ଟି ବିଶ୍ୱକପ୍ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି । ଗ୍ରୁପ୍-୨ର ଏହି ମ୍ୟାଚ୍‌ରେ ଦଳ ୮୭ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା । ଡାନି ୱାଟ୍-ହଜ୍ ଅପରାଜିତ ଶତକ ଓ ଫ୍ରେୟା କେମ୍ପ ୪ଟି ୱିକେଟ୍ ନେଇ ଦଳକୁ ଜିତାଇଥିଲେ । ୬୨ ବଲରେ ୧୦୫ ରନର ଦମଦାର ପାଲିଖେଳିଥିବା ୱାଟ୍-ହଜ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ବ୍ୟାଟିଂ ଆମନ୍ତ୍ରଣ ପାଇ ଇଂଲଣ୍ଡ ୧ ୱିକେଟ୍ ବିନିମୟରେ ୨୧୯ ରନ୍ ସଂଗ୍ରହ କରିଥିଲା । ଓପନିଂ ଯୋଡ଼ି ଆମି ଜୋନ୍ସ ଓ ୱାଟ୍-ହଜ୍ ରେକର୍ଡ ବିସ୍ଫୋରକ ବ୍ୟାଟିଂ କରି ୧୩୫ରନ୍‌ର ଭାଗିଦାରୀ ଗଠନ କରିଥିଲେ । ଜୋନ୍ସ ୫୩ ରନ୍ କରି ଆଉଟ୍ ହୋଇଥିଲେ । ଅଧିନାୟିକା ନାଟ୍ ସ୍କିଭର ବ୍ରଣ୍ଟ୍ କ୍ରିଜ୍‌ରେ ଯୋଗଦେଇ ୱାଟ୍-ହଜ୍‌ଙ୍କ ସହ



ମିଶି ସ୍କୋରକୁ ୧/୨୧୯ରେ ପହଞ୍ଚାଇ ଦେଇଥିଲେ । ୱାଟ୍ ହଜ୍ ୬୨ ବଲ୍‌ରେ ୧୦୫ (୧୩ଚୌକା, ୧ଛକା) ଓ ସ୍କିଭର-ବ୍ରଣ୍ଟ ୪୪ (୬ଚୌକା, ୧ଛକା) ରନ୍ କରି ଅପରାଜିତ ଥିଲେ । ୨୨୦ରନ୍ ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ୧୩୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ନୀଲକ୍ଷିକା ସର୍ବାଧିକ ୩୭ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ କେମ୍ପ ୪ଟି ୱିକେଟ୍ ନେଇଥିଲେ । ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ର ଦଶମ ସଂସ୍କରଣ ଜାରି ରହିଛି । ବର୍ମିଂହାମରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍ଘାଟନୀ ମୁକାବିଲା ଖେଳାଯାଇଥିଲା । ଯାହାକୁ ଜିତି ବିଜୟରୁ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି ଆୟୋଜନ ଇଂଲଣ୍ଡ । ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମେଗା ଟୁର୍ଣ୍ଣାମେଣ୍ଟ । ମୋଟ୍ ୧୨ଟି ଦଳକୁ ନେଇ ଟୁର୍ଣ୍ଣାମେଣ୍ଟରେ ଫାଇନାଲ ପର୍ଯ୍ୟନ୍ତ ୩୩ଟି ମ୍ୟାଚ ଖେଳାଯିବ । ଉଦଘାଟନୀ ଦିବସରେ ଗୋଟିଏ ମ୍ୟାଚ ଖେଳାଯାଇଥିଲା । କିନ୍ତୁ ଦ୍ୱିତୀୟ ଦିବସ ଆର୍ଥାତ୍ ଆଜି ୩ଟି ମ୍ୟାଚ ଖେଳାଯିବ । ଗ୍ରୁପ୍ ଏ'ରେ ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଏବଂ ଗ୍ରୁପ୍ ବି'ରେ ଆୟର୍ଲାଣ୍ଡ-ସ୍କଟଲାଣ୍ଡ ଓ ନ୍ୟୁଜିଲାଣ୍ଡ-ୱେଷ୍ଟଇଣ୍ଡିଜ ମୁହାଁମୁହିଁ ହେବେ । ଭାରତ ଆସନ୍ତାକାଲି ବିଶ୍ୱକପ ଅଭିଯାନ ଆରମ୍ଭ କରିବ । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ବିଶ୍ୱକପର ପ୍ରଥମ ମ୍ୟାଚ ଖେଳିବ । ହରମନପ୍ରୀତଙ୍କ ନେତୃତ୍ୱରେ ଭାରତ ଦିନିକିଆ ବିଶ୍ୱକପ ଜିତିଥିଲା ଏଥର ବି ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ ।

# ୪-୧ ବିଜୟରୁ ଫିଫା ବିଶ୍ୱକପ ଅଭିଯାନ ଆରମ୍ଭ କଲା ଆୟୋଜକ ଆମେରିକା

**ୱାଶିଂଟନ :** ବେଶ ଚମତ୍କାର ଢଙ୍ଗରେ ଫିଫା ବିଶ୍ୱକପ ଅଭିଯାନ ଆରମ୍ଭ କରିଛି ଆମେରିକା। ଫିଫା ବିଶ୍ୱକପର ଆୟୋଜନ କରୁଥିବା ଆମେରିକା ନିଜ ଘରୋଇ ମାଟିରେ ପାରାଗୁଏକୁ ୪-୧ରେ ହରାଇ ଦେଇଛି। ଗ୍ରୁପ ଡି'ର ପ୍ରଥମ ମ୍ୟାଚ୍ କାଲିଫର୍ଣ୍ଣିଆର ସୋଫି ଷ୍ଟାଡିୟମରେ ଖେଳା ଯାଉଥିଲା। ଆଉ ଘରୋଇ ଦର୍ଶକଙ୍କ ସାମ୍ନାରେ ଆମେରିକା ଦମଦାର ପ୍ରଦର୍ଶନ କରି ନିଜର ଦବଦବା ଦେଖାଇବାକୁ ସକ୍ଷମ ହୋଇଛି। ୧୯୯୪ ପରେ ଆମେରିକା ପ୍ରଥମଥର ପାଇଁ ଘରୋଇ ମାଟିରେ ବିଶ୍ୱକପ ଖେଳୁଛି। ଏତେ ବର୍ଷ ପରେ ଦଳ ଘରୋଇ ପରିବେଶରେ ମ୍ୟାଚ ଖେଳୁଥିବା ବେଳେ ଫ୍ୟାନ୍ସଙ୍କୁ ଆଦୌ ନିରାଶ କରିନାହିଁ। ମ୍ୟାଚ୍ ଆରମ୍ଭରୁ ଶେଷ ଯାଏ ଆମେରିକା ବଲକୁ ପ୍ରାୟତଃ ନିଜ ନିୟନ୍ତ୍ରଣରେ ରଖିଥିଲା। କୌଣସି ବି ସମୟରେ ପାରାଗୁଏ ମ୍ୟାଚ୍‌ରେ କମବ୍ୟାକ କରିବାର ସମ୍ଭାବନା ଦେଖିବାକୁ



ମିଳି ନଥିଲା। ମ୍ୟାଚ୍‌ର ୭ମ ମିନିଟରେ ପାରାଗୁଏ ଯେମିତି ଆୟୋଜକ ଆମେରିକାକୁ ବିଶ୍ୱକପରେ ଉପହାର ଦେଇଥିଲା। କାରଣ ଦଳର ଡାମିଆନ୍ ବୋବାଡିଲାଙ୍କ ଆତ୍ମଘାତୀ ଗୋଲ୍ ସ୍କୋର କରିଥିଲେ। ସେ ଆମେରିକା ବଦଳରେ ନିଜ ଗୋଲ ପୋଷ୍ଟ ଭିତରକୁ ବଲ ମାରିଥିଲେ। ଏହି ଆତ୍ମଘାତୀ ଗୋଲ ବଳରେ ଆମେରିକା ମ୍ୟାଚ୍‌ର ୭ମ ମିନିଟରେ ହିଁ ୧-୦ରେ ଆଗୁଆ ହୋଇ ଯାଇଥିଲା। ପ୍ରଥମ ହାଫ ଶେଷ ସୁଦ୍ଧା ଆମେରିକାର ଫୋଲାରିନ୍ ବାଲୋଗୁନ୍ ଆଉ ଦୁଇଟି ଗୋଲ୍ (୩୧ତମ ମିନିଟ ଓ ୪୫+୫ ମିନିଟ) କରି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ସେକେଣ୍ଡ ହାଫରେ ପାରାଗୁଏ କମବ୍ୟାକ କରିବାକୁ ଚେଷ୍ଟା କରିଥିଲା। ଦଳ ପାଇଁ ୭୩ତମ ମିନିଟ୍‌ରେ ମୌରିସିଓ ଗୋଲ୍ ବି କରିଥିଲେ। ହେଲେ ଏହା ବିଜୟ ପାଇଁ ଯଥେଷ୍ଟ ନଥିଲେ। ବରଂ ଷ୍ଟପେଜ ଟାଇମରେ ଆମେରିକାର ଜିଓ ରେୟାନା ଆଉ ଗୋଟିଏ ଗୋଲ କରି ଦଳକୁ ୪-୧ରେ ବିଜୟ ଭେଟି ଦେଇଥିଲେ। ଏହି ବିଜୟ ସହ ଆମେରିକା ଗ୍ରୁପ ଡି'ର ୧ ନଂ ସ୍ଥାରେ ବେଶ ଶକ୍ତିଶାଳୀ ଢଙ୍ଗରେ ନିଜର ସ୍ଥାନ ପକ୍କା କରିଛି। ଦଳ ଜୁନ୍ ୧୯ରେ ସିଆଟଲ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ। ସେହିଦିନ ପାରାଗୁଏର ମୁକାବିଲା ତୁର୍କୀ ସହ ହେବ।

## ଫିଫା ବିଶ୍ୱକପ୍ : ଦିନକରେ ୨୦୦ କୋଟି ଗୋଟିଏ ମ୍ୟାଚରୁ ଜୀ ଟିଭିର ଆୟ



**ନୂଆଦିଲ୍ଲୀ :** ଭାରତ ପାଇଁ ଚଳିତ ଫିଫା ବିଶ୍ୱକପ୍‌ର ସିଧା ପ୍ରସାରଣ ଅଧିକାର ହାସଲ କରିଛି ଜୀ ଏଣ୍ଟରଟେନମେଣ୍ଟ । ଭାରତବାସୀଙ୍କୁ ବିଶ୍ୱକପ୍ ଦେଖାଇବା ପାଇଁ ଜୀ ପକ୍ଷରୁ ସ୍ୱତନ୍ତ୍ର ସ୍ପୋର୍ଟ୍ସ ଚ୍ୟାନେଲ ମଧ୍ୟ ପ୍ରସ୍ତୁତ କରାଯାଇଛି । କେବଳ ଗୋଟିଏ ମ୍ୟାଚର ପ୍ରସାରଣରେ ଜୀ ସବୁ ଅର୍ଥ ଫେରି ପାଇଛି । ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜ ଲିମିଟେଡ୍ ବା ଭାରତରେ ଲୋକପ୍ରିୟ ଜୀ ଟିଭି ଆଗାମୀ ୮ବର୍ଷ ପାଇଁ ଫିଫା ସହ ଚୁକ୍ତି କରିଛି । ଫଳ ସ୍ୱରୂପ ଏହି ସମୟ ମଧ୍ୟରେ ଜୀ ଟିଭି ଭାରତବାସୀଙ୍କ ପାଇଁ ବିଶ୍ୱକପ୍ ସମେତ ମୋଟ୍ ୩୯ଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ସିଧା ପ୍ରାସରଣ କରିବ । ଜୀ ଟିଭି ଓ ଫିଫା ମଧ୍ୟରେ ୩୩୦ କୋଟି ଟଙ୍କା ମୂଲ୍ୟରେ ପ୍ରସାରଣ ଅଧିକାର ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୁରୁବାର ଅନୁଷ୍ଠିତ ଫିଫା ବିଶ୍ୱକପ୍ର ପ୍ରଥମ ମ୍ୟାଚର ସିଧା ପ୍ରସାରଣ କରି ଜୀ ଟିଭି ୨୦୦ କୋଟି ଟଙ୍କା ଆୟ କରିଥିବା ପ୍ରାଥମିକ ଆକଳନରୁ ଜଣା ପଡ଼ିଛି । ଅର୍ଥାତ ଗୋଟିଏ ମ୍ୟାଚରେ ଜୀ ଟିଭି ବ୍ୟୟ କରିଥିବା ଅର୍ଥର ୬୦% ଫେରି ପାଇଛି । ସୂଚନାଯୋଗ୍ୟ, ମେକ୍ସିକୋ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚକୁ ୩୦ଲକ୍ଷ ଦର୍ଶକ କେବଳ ଓଟିଟି ପ୍ଲାଟଫର୍ମରେ ଦେଖିଥିଲେ ।

## ଅଷ୍ଟ୍ରେଲିଆନ୍ ଓପନ୍: ସେମିରେ ହାରିଲେ ପିଭି ସିନ୍ଧୁ



**ସିଡ୍‌ନି:** ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ଭାରତୀୟଲଲନାପିଭି ସିନ୍ଧୁଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଅଭିଯାନ ସେମିଫାଇନାଲ୍‌ରେ ଶେଷ ହୋଇଯାଇଛି। ଶନିବାର ତାଙ୍କୁ ବିଶ୍ୱ ବିଜୟିନୀ ତଥା ଟପ୍ ସିଡ୍ ଜାପାନର ଅକାନେ ୟାମାଗୁଚି ୨୦-୨୨, ୧୨-୨୧ ସିଧାସଳଖ ସେଟ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛନ୍ତି। ଚଳିତବର୍ଷ ନିଜର ପ୍ରଥମ ଫାଇନାଲ୍ ପ୍ରବେଶ ଲକ୍ଷ୍ୟରେ ଥିବା ତୃତୀୟ ସିଡ୍ ସିନ୍ଧୁ ପ୍ରଥମ ସେଟ୍‌ରେ ୟାମାଗୁଚିଙ୍କୁ କଡ଼ା ଟକ୍କର ଦେଇଥିଲେ। ତେବେ ଏହାକୁ ୨ ପଏଣ୍ଟ୍‌ରେ ହାରିବା ପରେ ମନୋବଳ ହରାଇ ବସିଥିଲେ। ଫଳରେ ଦ୍ୱିତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆଶାଜନକ ଲଢ଼େଇ କରି ନପାରି ସହଜରେ ପରାଜିତହୋଇଥିଲେ। ସିନ୍ଧୁଙ୍କ ବିପକ୍ଷରେ ୟାଗାଗୁଚିଙ୍କର ଏହା କ୍ରମାଗତ ଷଷ୍ଠ ବିଜୟ ଥିଲା। ୟାମାଗୁଚି ମଧ୍ୟ ଲଗାତାର ଚତୁର୍ଥ ଥର ପାଇଁ କୌଣସି ସୁପର ସିରିଜ୍ ପ୍ରତିଯୋଗିତାର ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ଚଳିତ ବର୍ଷ ମେ ମାସରେ ସେ ଥାଇଲାଣ୍ଡ ଓପନ୍ ଜିତିବା ସହ ସିଙ୍ଗାପୁର ଓ ଇଣ୍ଡୋନେସିଆ ଓପନ୍‌ରେ ଉପବିଜୟିନୀ ହୋଇଥିଲେ। ରବିବାରର ଫାଇନାଲ୍‌ରେ ୟାମାଗୁଚି ନିଜର ଅନ୍ୟତମ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଥାଇଲାଣ୍ଡର ପର୍ଣ୍ଣାପୱି ଚୋଚୁୱୋଙ୍ଗଙ୍କୁ ଭେଟିବେ। ସିନ୍ଧୁ ପରାଜିତ ହେବା ସହ ଚଳିତବର୍ଷର ଅଷ୍ଟ୍ରେଲିଆନ୍ ଓପନ୍‌ରେ ଭାରତୀୟ ଅଭିଯାନ ମଧ୍ୟ ଶେଷ ହୋଇଯାଇଛି। କାରଣ ତାଙ୍କ ବ୍ୟତିତ ଅନ୍ୟ କୌଣସି ଭାରତୀୟ ଏହି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍ ଆଗକୁ ବଢ଼ି ନଥିଲେ।

# ଫିଫା ବିଶ୍ୱକପରେ ଇତିହାସ ରଚିଲା କାନାଡା

**ୱାଶିଂଟନ :** ଫିଫା ବିଶ୍ୱକପର ସହ ଆୟୋଜକ କାନାଡା ଘରୋଇ ମାଟିରେ ଇତିହାସ ରଚିଛି। ବୋସନିଆ ଓ ହେର୍ଜେଗୋଭିନା ସହ ମ୍ୟାଚ୍‌କୁ ୧-୧ରେ ଡ୍ର ରଖି କାନାଡା ନୂଆ କୀର୍ତ୍ତିମାନ ହାସଲ କରିବାକୁ ସକ୍ଷମ ହୋଇଛି। ଘରୋଇ ମାଟିରେ ପ୍ରଥମଥର ପାଇଁ ଦଳ ଫିଫା ବିଶ୍ୱକପ ମ୍ୟାଚ୍ ଖେଳୁଥିବା ବେଳେ ଦଳ ପରାଜୟରୁ ଅକ୍ଷକେ ବର୍ତ୍ତି ନୂଆ ରେକର୍ଡର ଅଧିକାରୀ ହୋଇପାରିଛି। ଟରଣ୍ଟୋରେ ଖେଳାଯାଇଥିବା ମ୍ୟାଚ୍‌ରେ ବୋସନିଆ ପକ୍ଷରୁ ଜୋଭୋ ଲୁକିଚ୍ ୨୧ତମ ମିନିଟ୍‌ରେ ହେଡର ମାଧ୍ୟମରେ ଗୋଲ୍ କରି ଦଳକୁ ୧-୦ରେ ଆଗୁଆ କରାଇ ଦେଇଥିଲେ। ହେଲେ ୦-୧ ପଛରେ ଥିବା କାନାଡା ଦ୍ୱିତୀୟ ହାଫରେ କମବ୍ୟାକ କରିଥିଲା। ଦଳ ପାଇଁ ସାଇଲ୍ ଲାରିନ୍ ଗୋଲ୍ କରି ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। କାନାଡା ଏହାପରେ ଲିଡ ନେବାକୁ ଭରପୂର ଚେଷ୍ଟା କରିଥିଲା। ଦଳ ପକ୍ଷରୁ ଘନଘନ ଆକ୍ରମଣ କରାଯାଇଥିଲା। କିନ୍ତୁ ଏହାର କୌଣସି



ସୁଫଳ ମିଳି ନଥିଲା। ଶେଷରେ ଓପନିଂ ମ୍ୟାଚ୍‌କୁ କାନାଡା ୧-୧ରେ ଡ୍ର ରଖିଥିଲା। ଏହି ମ୍ୟାଚ୍ ଡ୍ର ରହିବାରୁ ବିଶ୍ୱକପ୍ ଇତିହାସରେ କାନାଡା ପ୍ରଥମ ପଏଣ୍ଟ ହାସଲ କରିବାକୁ ସକ୍ଷମ ହୋଇଛି। ୧୯୮୬ ଓ ୨୦୨୨ରେ ଦଳ ବିଶ୍ୱକପ ଖେଳିଥିଲା। କିନ୍ତୁ ଦଳ ଦୁଇଟି ଯାକ ସଂସ୍କରଣରେ ଖେଳିଥିବା ୬ଟି ଯାକ ମ୍ୟାଚ୍ ହାରିଥିଲା। ଆଜି ଯାଏ କାନାଡା କେବେ ବି ବିଶ୍ୱକପରେ ପଏଣ୍ଟ ହାସଲ କରି ନଥିଲା। ହେଲେ ୨୦୨୬ରେ ନିଜ ଘରୋଇ ମାଟିରେ କାନାଡା ପଏଣ୍ଟ ହାସଲ କରିବାକୁ ସକ୍ଷମ ହୋଇଛି। ମ୍ୟାଚର ପ୍ରଥମ ହାଫରେ କାନାଡା ଅଧିକାଂଶ ସମୟ ବଲ୍ ନିଜ ନିୟନ୍ତ୍ରଣରେ ରଖିଥିଲେ ହେଁ ଗୋଲ୍ କରିବା ଭଳି ସୁଯୋଗ ସୃଷ୍ଟି କରିପାରି ନଥିଲା। ୧୭ତମ ମିନିଟ୍‌ରେ ଜୋନାଥନ୍ ଡେଭିଡ୍‌ଙ୍କ ପାଖରେ ଗୋଲ କରିବାର ସୁଯୋଗ ରହିଥିଲା। ହେଲେ ତାଙ୍କ ସିଧା ଶଟ୍‌କୁ ବୋସନିଆ ଗୋଲ୍‌ରକ୍ଷକ ନିକୋଲା ଭାସିଲ୍‌ଜ୍ ରୋକି ଦେଇଥିଲେ। ତେବେ ୨୧ତମ ମିନିଟରେ ବୋସନିଆର ଲୁକିଚ୍ କର୍ଣ୍ଣରରୁ ଆସିଥିବା ପାସ୍‌କୁ ହେଡର ମାଧ୍ୟମରେ ଗୋଲ କରି କାନାଡା ଶିବିରରେ ନିରାଶା ଭରି ଦେଇଥିଲେ। ତଥାପି କାନାଡା ଆଟାକ କରିବା ଛାଡ଼ି ନଥିଲା। ୩୦ତମ ମିନିଟ୍‌ରେ କାନାଡାର ଇସ୍ମାଏଲ୍ କୋନେଙ୍କୁ ଗୋଲ କରିବାର ସୁବର୍ଣ୍ଣ ସୁଯୋଗ ମିଳିଥିଲା। ହେଲେ ତାଙ୍କ ଶଟ୍ ଗୋଲ୍‌ପୋଷ୍ଟ ଉପରେ ଚାଲିଯାଇଥିଲା। ଦ୍ୱିତୀୟ ହାଫରେ ମଧ୍ୟ କାନାଡା ଆକ୍ରମଣାତ୍ମକ ଖେଳ ଜାରି ରଖିଥିଲା। ଏହାର ଫାଇଦା ଦଳକୁ ୭୮ତମ ମିନିଟରେ ମିଳିଥିଲା। ସାଇଲ୍ ଲାରିନ୍ ଚମତ୍କାର ଢଙ୍ଗରେ କାନାଡା ପାଇଁ ବିଶ୍ୱକପ ଇତିହାସରେ ସ୍ମରଣୀୟ ଗୋଲ ସ୍କୋର କରିଥିଲେ। ଏହି ଗୋଲ୍ ପରେ ୪୩ ହଜାରରୁ ଅଧିକ ଦର୍ଶକ ଥିବା ଷ୍ଟାଡିୟମ୍ ପୂରା ଖୁସିରେ ନାଚି ଉଠିଥିଲା। ମ୍ୟାଚ୍‌ର ଶେଷ ମୁହୂର୍ତ୍ତରେ କାନାଡା ଆଉ ଗୋଟିଏ ଗୋଲ କରିବାକୁ ଚେଷ୍ଟା କରିଥିଲେ ହେଁ ସଫଳତା ପାଇ ନଥିଲା। ଶେଷରେ ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା।

## ମୁମ୍ବାଇର ୱର୍ଲିରେ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ନେଲେ ଶ୍ରେୟସ ଆୟର

**ମୁମ୍ବାଇ :** ଶ୍ରେୟସ ଆୟରଙ୍କୁ ସମ୍ପ୍ରତି ଭାରତୀୟ ଟି-୨୦ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ, ସେ ମୁମ୍ବାଇର ହାଇକଷ୍ଟ ୱର୍ଲି ଅଞ୍ଚଳରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ଭଡା ନେଇଛନ୍ତି। ଏହି ଆପାର୍ଟମେଣ୍ଟର ପ୍ରାରମ୍ଭିକ ମାସିକ ଭଡା ୧୮.୫୦ ଲକ୍ଷ। 'ଇନସ୍ପେକ୍ଟର ଜେନେରାଲ ଅଫ ପଞ୍ଜିକରଣ' ୱେବସାଇଟ ରୁ ସୂଚନା ଆଧାରରେ 'ସ୍କୋୟାର ୟାର୍ଡସ' ଦ୍ୱାରା ଏହି ଚୁକ୍ତିର ବିବରଣୀ ପ୍ରକାଶ କରାଯାଇଛି। ୱର୍ଲିର 'ଆର୍ଟେସିଆ' କମ୍ପ୍ଲେକ୍ସରେ ଅବସ୍ଥିତ, ଆପାର୍ଟମେଣ୍ଟଟି ୩,୮୭୫ ବର୍ଗଫୁଟ ପରିବ୍ୟାପ୍ତ ଏବଂ ଏଥିରେ ଚାରୋଟି ପାର୍କିଂ ସ୍ଥାନ ଅନ୍ତର୍ଭୁକ୍ତ। ଆୟର ତିନି ବର୍ଷ ପାଇଁ ଏହାକୁ ଲିଜରେ ନେଇଛନ୍ତି।

# ଭାରତ ବିପକ୍ଷରେ ଦ୍ରୁତ ଶତକ କଲେ ରହମାନୁଲ୍ଲାହ

**ନୂଆଦିଲ୍ଲୀ :** ଆଫଗାନିସ୍ତାନ ୱିକେଟକିପର-ବ୍ୟାଟର ରହମାନୁଲ୍ଲାହ ଗୁରବାଜ ଭାରତ ବିପକ୍ଷ ପ୍ରଥମ ଦିନିକିଆରେ ୧୦୨ ରନର ଐତିହାସିକ ଇନିଂସ ଖେଳିଛନ୍ତି । ୪୮ ବଲରେ ସେ ଶତକ ହାସଲ କରିଛନ୍ତି । ସେ ଆଫଗାନିସ୍ତାନ ପାଇଁ ଦିନିକିଆରେ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ଦ୍ରୁତତମ ଶତକ ହାସଲ କରିଥିବା ବ୍ୟାଟର ହୋଇଯାଇଛନ୍ତି । ଭେଟରାନ ବ୍ୟାଟରମାନଙ୍କ ତାଲିକାରେ ଏବେ ସାମିଲ ହୋଇଯାଇଛନ୍ତି । ଧର୍ମଶାଳାରେ ଖେଳାଯାଉଥିବା ପ୍ରଥମ ଦିନିକିଆରେ, ଆଫଗାନିସ୍ତାନ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା । ଆଫଗାନିସ୍ତାନ ଖରାପ ଆରମ୍ଭ କରିଥିଲା, ଦ୍ୱିତୀୟ ଓଭରରେ ପ୍ରଥମ ୱିକେଟ



ଭାବେ ଇବ୍ରାହିମ୍ ଜାଦରାନ୍ (୧)ଙ୍କୁ ହରାଇଥିଲା । ଏହା ଗୁରନୂର ବରାରଙ୍କ ପ୍ରଥମ ଅନ୍ତର୍ଜାତୀୟ ୱିକେଟ୍ ଥିଲା, ଯିଏ ତାଙ୍କର ଡେବ୍ୟୁ ଖେଳୁଛନ୍ତି । ଏହାପରେ ସେଦିକୁଲ୍ଲାହ ଅଟଳ ଶୂନ୍ୟରେ ବିଦାୟ ନେଇଥିଲେ। ଚତୁର୍ଥ ନମ୍ବରରେ ଆସିଥିବା ରହମତ ଶାହ ଜୁର୍ମାତେ (୩) ବି ଆଉଟ ହୋଇଯାଇଥିଲେ । ୨୬ ରନରେ ୩ ୱିକେଟ ଯିବା ପରେ ରହମାନୁଲ୍ଲାହ ଗୁରବାଜ ଇନିଂସକୁ ସମ୍ଭାଳିଥିଲେ ଏବଂ ଏକ ଚମତ୍କାର ଇନିଂସ ଖେଳିଥିଲେ। ରହମାନୁଲ୍ଲାହ ଗୁରୁବାର ୪୮ବଲରେ ଶତକ ପୂରା କରିଥିଲେ । ସେ ଆଫଗାନିସ୍ତାନ ଲାଗି ୱାନଡେରେ ସବୁଠାରୁ ଦ୍ରୁତ ଶତକ ଲଗାଇବା ବ୍ୟାଟର ହୋଇଯାଇଛନ୍ତି । ଓଭେରାଲ୍ ଲିଷ୍ଟରେ ସେ ୧୪ତମ ସ୍ଥାନରେ ଆସିଯାଇଛନ୍ତି । ଏହି ଲିଷ୍ଟରେ ପ୍ରଥମ ନମ୍ବରରେ ଏବି ଡିଭିଲିୟର୍ସ ଅଛନ୍ତି ଯିଏ ୨୦୧୫ରେ ୩୧ବଲରେ ଶତକ ଯୋଡ଼ିଥିଲେ।

## ୩୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ ରୋହିତ ଶର୍ମା



**ଧର୍ମଶାଳା :** ରୋହିତ ଶର୍ମା ଏବେ ଆନୁଷ୍ଠାନିକ ଭାବରେ ଭାରତୀୟ କ୍ରିକେଟ୍ ଦଳ ପାଇଁ ଓଡ଼ିଆଇ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇପାରିଛନ୍ତି। ସେ ମୋହିନ୍ଦର ଅମରନାଥଙ୍କ ୩୭ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ଧର୍ମଶାଳାରେ ଖେଳାଯାଉଥିବା ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ପ୍ରଥମ ଓଡ଼ିଆଇ ପାଇଁ ରୋହିତ ପ୍ଲେଇଂ ଇଲେଭେନର ଅଂଶ। ଧର୍ମଶାଳାରେ ଖେଳାଯାଉଥିବା ପ୍ରଥମ ଓଡ଼ିଆଇ ନିର୍ଦ୍ଧାରିତ ସମୟଠାରୁ ୪ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଶୁଭମନ ଗିଲ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ରୋହିତ ଶର୍ମା ପଡ଼ିଆକୁ ଓହ୍ଲାଇବା ମାତ୍ରେ ସେ ୩୭ ବର୍ଷ ଧରି ବଜାୟ ଥିବା ମୋହିନ୍ଦର ଅମରନାଥଙ୍କ ରେକର୍ଡ ଭାଙ୍ଗି ଦେଇଥିଲେ। ଆଜି ପର୍ଯ୍ୟନ୍ତ ସେ ଭାରତ ପାଇଁ ଓଡ଼ିଆଇ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି। ସେ ୧୯୮୯ ଅକ୍ଟୋବର ୩୦ରେ ୩୯ ବର୍ଷ ୩୬ ଦିନ ବୟସରେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ରୋହିତ ଶର୍ମା ଆଜି ଆଫଗାନିସ୍ତାନ ବିପକ୍ଷରେ ପ୍ରଥମ ଓଡ଼ିଆଇ ଖେଳୁଛନ୍ତି। ବର୍ତ୍ତମାନ ତାଙ୍କର ବୟସ ୩୯ ବର୍ଷ ୪୪ ଦିନ। ରୋହିତ ଏବେ ଭାରତ ପାଇଁ ଓଡ଼ିଆଇ ଖେଳିଥିବା ସବୁଠାରୁ ବୟସ୍କ ଖେଳାଳି ହୋଇଯାଇଛନ୍ତି। ସାମଗ୍ରିକ ଭାବରେ ଏହି ରେକର୍ଡ ନେଦରଲାଣ୍ଡର ନୋଲାନ କ୍ଲାର୍କଙ୍କ ନାମରେ ଅଛି, ଯିଏ ୪୭ ବର୍ଷ ୨୫୭ ଦିନ ବୟସରେ ଏକ ଦିନିକିଆ ଖେଳିଥିଲେ।